The Odisha Gazette

EXTRAORDINARY

PUBLISHED BY AUTHORITY

No. 2380 CUTTACK, THURSDAY, JULY 31, 2025/SRAVANA 9, 1947

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସାମାଜିକ ପ୍ରଭାବ ନିର୍ଧାରଣ ନିମନ୍ତେ ଘୋଷଣା

The 15th July 2025

S.R.O. No. 561/2025—ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୮ ଅଧିନିୟମ ୨ ଅନୁସାରେ ସୁବର୍ଣ୍ଣପୁର ଜିଲ୍ଲାର ୦୧ ଗୋଟି ତହସିଲର ୦୧ ଟି ପଞ୍ଚାୟତର ୦୧ ଗୋଟି ଗ୍ରାମର ରେ ମୋଟ **ଏକର ୦.୭୩୬** ଡି. (**ହଳଦିପାଲି (ଅତିରିକ୍ତ)- ଏକର ୦.୭୩୬**ଡି.) ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଉପ ମୁଖ୍ୟ ଯନ୍ତ୍ରୀ, ପୂର୍ବତଟ ରେଳପଥ, ବଲାଙ୍ଗିର ଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହାଦ୍ୱାରା ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଥିବା ନିମ୍ନ ସୂଚୀତ 'କ' ତଫସିଲ ଜମି ନିମନ୍ତେ, ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ପ୍ରଦତ୍ତ ରିପୋର୍ଟ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ତର୍ଜମାକରି ସରକାରଙ୍କ ଦ୍ୱାରା ନିମ୍ନୋକ୍ତ ନିଷ୍ପତ୍ତି ନିଆଗଲା ।

୧. ସର୍ବସାଧାରଣ ଉଦ୍ଦେଶ୍ୟରେ ଚିହ୍ନିତ କରାଯାଇଥିବା ପ୍ରସ୍ତାବିତ ଆବଶ୍ୟକ ଜମି ଅଧିଗ୍ରହଣ ବିଧି ସଙ୍ଗତ ଏବଂ ଯଥାର୍ଥ ଅଟେ ।

୨. ଏହି ପ୍ରକଳ୍ପ ପାଇଁ ଆକଳନ କରାଯାଇଥିବା ଖର୍ଚ୍ଚଠାରୁ ସମ୍ଭାବ୍ୟ ଉପକାର ଓ ସର୍ବସାଧାରଣ ହିତର ମୂଲ୍ୟ ଯଥେଷ୍ଟ ଅଧିକ ଅଟେ ।

୩. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ଜମି ଅଧିଗ୍ରହଣ ପାଇଁ ପ୍ରସ୍ତାବ ଦିଆଯାଇଅଛି

୪. ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଅଧିଗ୍ରହଣ କରାଯାଉ ଥିବା ୦୧ ଗୋଟି ଗ୍ରାମର ରେ ମୋଟ ଏକର **୦.୭୩୬** ଡି. ଜାଗା ଯଥାର୍ଥରେ ସାର୍ବଜନୀନ ଉଦ୍ଦେଶ୍ୟ ପାଇଁ ଉଦ୍ଦିଷ୍ଟ।

୫. ଉକ୍ତ ପ୍ରକଳ୍ପରେ କୌଣସି ଲୋକ ବିସ୍ଥାପିତ ହେଉନାହାନ୍ତି, ପ୍ରପୀଡିତ ବ୍ୟକ୍ତି ବିଶେଷଙ୍କର ସର୍ବନିମ୍ନ ପ୍ରତିକୂଳ ପ୍ରଭାବ ଓ ଭିତ୍ତି ଭୂମିର ପ୍ରୟୋଗ ନିମନ୍ତେ ଧ୍ୟାନ ରଖାଯାଇଅଛି ।

୬. ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ସର୍ବନିମ୍ନ ପରିମାଣର ଜମି ଅଧିଗ୍ରହଣ କରିବା ପାଇଁ ଧ୍ୟାନ ଦିଆ ଯାଇଛି ଏବଂ ଏହା ଦ୍ୱାରା ଲୋକଙ୍କ ଉପରେ ସର୍ବନିମ୍ନ ବିପରୀତ ପ୍ରଭାବ ପଡିବ ।

୭. ପୂର୍ବରୁ ଏହି ଗ୍ରାମ ରେ ଅଧିଗୃହିତ ହୋଇ ଥିବା ବଳକା ଜମି ନାହିଁ । ଏହି ପ୍ରସସ୍ତିକରଣ ପ୍ରକଳ୍ପ ଦ୍ଵାରା ସାଧାରଣ ଜନତା ଏବଂ ଜମିହରାମାନେ ଉପକୃତ ହେବେ ।

୮. ପ୍ରଭାବିତ ଗ୍ରାମରେ ଜନ ଶୁଣାଣି ମଧ କରାଯାଇ ଅଛି। ଜିଲ୍ଲାପାଳ ସୁବର୍ଣ୍ଣପୁର ଙ୍କ ଦ୍ଵାରା ପ୍ରେରିତ ପତ୍ର କ୍ରମାଙ୍କ ୫୫୨/ ୧୩.୦୬.୨୦୨୫ ର ସମସ୍ତ ପ୍ରସ୍ତାବକୁ ବିଚାରକୁ ନେଇ, ଉପ ମୁଖ୍ୟ ଯନ୍ତ୍ରୀ, ପୂର୍ବତଟ ରେଳପଥ, ବଲାଙ୍ଗିର କର୍ତ୍ତୃପକ୍ଷ କାର୍ଯ୍ୟ ନିର୍ବାହ କରିବେ ।

୯. ଏହି ପ୍ରକଳ୍ପ ନିମିତ୍ତ ଅଧିଗୃହିତ ହେଉଥିବା ଜମିର ଲୋକଙ୍କ ପାଇଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଅନୁସାରେ ଏବଂ ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ ନିୟମ ଅନୁଯାୟୀ ଉଚିତ କ୍ଷତିପୂରଣ କରାଯିବ ।

ଓଡିଶା ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ନିୟମାବଳୀ, ୨୦୧୬ର ନିୟମ ୧୭ ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ଵାରା ଜିଲ୍ଲାପାଳ ଏବଂ ବିଶେଷଜ୍ଞ ଗୋଷ୍ଠୀ ରିପୋର୍ଟ କୁ ପରୀକ୍ଷା କରି ନିୟମ ୧୫ ଅନୁସାରେ ଓଡିଆ ଭାଷାରେ ଅନୁରୂପ ଭାବରେ ଉପସ୍ଥାପିତ କରାଗଲା। ଏହାପରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧ ର ଅଧିନିୟମ ୧ ରେ ଘୋଷଣା ପାଇଁ ପ୍ରୟୋଜନ କରାଯିବ।

ତଫସିଲ- କ

(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: - ସୁବର୍ଣ୍ଣପୁର **ତହସିଲ: - ସୋନପୁର**

ଗ୍ରାମର ନାମ	ଗ୍ରାମାଞ୍ଚଳ / ସହରାଞ୍ଚଳ	ଖାତା ନଂ	ପ୍ଲଟ୍ ନଂ	କିସମ	ପ୍ଲଟ୍ ର ମୋଟ ରକବା	ଅଧିଗ୍ରହଣ ହେବାକୁ ଥିବା ଜମି ର ରକବା (ଏକରରେ)	ରୟତଙ୍କ ନାମ
ହଳଦିପାଲି (ଅତିରିକ୍ତ)	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	**୦.୭୩୬**	ଏଥି ସହିତ ସଂଲଗ୍ନ
					ମୋଟ	**୦.୭୩୬**	

ସର୍ବମୋଟ ଜାଗା ଏକର **୦.୭୩୬** ଡି.

ପ୍ରକଳ୍ପ:-ଖୋର୍ଦ୍ଧା ରୋଡ ବଲାଙ୍ଗିର ନୂତନ ଓସାରିଆ ରେଳପଥ ନିର୍ମାଣ ପ୍ରକଳ୍ପ

ଭୂମି ଅନୁସୂଚୀ

ମୌଜା– ହଳଦୀପାଲି (ଅତିରିକ୍ତ), ତହସିଲ – ସୋନପୁର

ଥାନା-ସୋନପୁର, ନମ୍ବର-୬୩ଜିଲ୍ଲା- ସୁବର୍ଣ୍ଣପୁର

କ୍ରମିକ ନଂ	ଖାତା ନଂ	ପ୍ଲଟ ନଂ	ମୋଟ ରକବା	ଅଧିଗ୍ରହଣ ରକବା	କିସମ	ଅଭିଲିଖିତ ରୟତ ନାମ
	୨୪	୫୯	୦.୮୮୦	୦.୨୯୦	ଘରବାରି	ଅରକ୍ଷିତ ପାତ୍ର ପି:-କୃଷ୍ଣ ପାତ୍ର ଜା –ଡେରା ବା :- ସୋନପୁର (ଡେରାପଡା)
		୫୯/୮୭୮	୦.୨୦୦	୦.୨୦୦	ଘରବାରି	
		୬୦/୮୭୯	୦.୧୯୪	୦.୧୨୫	ଘରବାରି	
	୧୪୨/୧୮୭	୫୩/୯୦୭	୦.୦୬୭	୦.୦୬୭	ବେର୍ଣ୍ଣା ଅଣଜଳସେଚିତ	ରାଜେଶ କୁମାର ଲାଖାନୀ ପି :ସେଠାରାମ ଲାଖାନୀ ଜା: ବଲାଙ୍ଗିର ଗାନ୍ଧୀନଗର :ସିନ୍ଧି ବା ବଲାଙ୍ଗିର - ଜି - ଥା
	୧୪୨/୩୨୮	୫୪/୧୦୩୮	୦.୦୫୪	୦.୦୫୪	ଘରବାରି	କୃଷ୍ଣଚନ୍ଦ୍ର ମେହେର, ପି-ଯୁଧିଷ୍ଠିର ମେହେର, ଜା-ଭୁଲିଆ, ବା-ସୋନପୁର
		ମୋଟ	୧.୩୯୫	୦.୭୩୬		

[No. 25826—RDM-LAC-SUB-0001-2024-R&DM]

ରାଜ୍ୟପାଳଙ୍କ ଆଦେଶକ୍ରମେ
ଦିଗନ୍ତ ରାଉତରାୟ
ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1590—173+0